ଚମନ ଲାଲ

*ବନାମ*

ୟୁ. ପି. ରାଜ୍ୟ ଏବଂ ଅନ୍ୟଜଣେ

16 ଅଗଷ୍ଟ, 2004

[ଅରିଜିତ୍ ପଶାୟତ ଏବଂ ସି. କେ. ଠାକର୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ ପ୍ରକ୍ରିୟା ସଂହିତା, 1973 :*

*ହତ୍ୟା - ଜାମିନ ପାଇଁ ଆବେଦନ - ବିଚାରଣ ନ୍ୟାୟାଳୟ ଦ୍ୱାରା ପ୍ରତ୍ୟାଖ୍ୟାନ - ଏତଲାରେ ଅଭିଯୁକ୍ତଙ୍କ ନାମ ଲିପିବଦ୍ଧ ହୋଇନଥିବା ଆଧାରରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁମତି – ଅପିଲରେ, ନିର୍ଣ୍ଣୟ କରାଯାଇଥିଲା: ଅଭିଯୁକ୍ତକୁ ଜାମିନ ପ୍ରଦାନ କରିବା ପୂର୍ବରୁ, ଅଦାଲତ ନିଜକୁ ସନ୍ତୁଷ୍ଟ କରିବା ଉଚିତ୍ ଯେ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ପ୍ରଥମ ଦୃଷ୍ଟିଗତ ମାମଲା ରୁଜୁ କରାଯାଇପାରିଲା ନାହିଁ - ତଥାପି, ପ୍ରମାଣର ବିସ୍ତୃତ ଯାଞ୍ଚ ଏବଂ ମାମଲାର ଗୁଣବତ୍ତାକୁ ବିସ୍ତୃତ ତଥ୍ୟଭୁକ୍ତ କରିବାକୁ ଏଡ଼ାଇବା ଉଚିତ୍ - ସାକ୍ଷ୍ୟରେ ଅବୈଧ ହସ୍ତକ୍ଷେପ କିମ୍ବା ଅଭିଯୋଗକାରୀଙ୍କୁ ଧମକ ଦେବାର ଯୁକ୍ତିଯୁକ୍ତ ଆଶଙ୍କା ନାହିଁ - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅଯୌକ୍ତିକ ଭାବରେ ଅସମର୍ଥନୀୟ - ଅଭିଯୁକ୍ତଙ୍କ ଜାମିନନାମା ରଦ୍ଦ - ପିଙ୍ଗଳ ସଂହିତା, 1860 - ଧାରା 302/120-B*

**ରଣଦାତା ମୃତକଙ୍କୁ ଉତ୍ତରଦାତା ସଂଖ୍ୟା 2 ଗୁଳି ଚଳାଇ ହତ୍ୟା କରିଥିଲେ ବୋଲି ଅଭିଯୋଗ କରାଯାଇଥିଲା । ଜଣେ ପ୍ରତ୍ୟକ୍ଷଦର୍ଶୀ ନଥିବା ବ୍ୟକ୍ତିଙ୍କ ଦ୍ୱାରା ଏତଲା ରୁଜୁ କରାଯାଇଥିଲା, ଯେଉଁଥିରେ ଦର୍ଶାଯାଇଥିଲା ଯେ ଜଣେ ଅଜଣା ଆକ୍ରମଣକାରୀ ମୃତକଙ୍କୁ ହତ୍ୟା କରିଥିଲା । ତେବେ, ଅନ୍ୟ ସାକ୍ଷୀମାନଙ୍କ ଦ୍ୱାରା ଦିଆଯାଇଥିବା ବିବୃତ୍ତିଗୁଡ଼ିକ ଆଧାରରେ, ଅଭିଯୁକ୍ତ-ଉତ୍ତରଦାତା ସଂଖ୍ୟା 2 ଏବଂ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ହେପାଜତକୁ ନିଆଯାଇଥିଲା । ଉତ୍ତରଦାତା ସଂଖ୍ୟା 2 ଜାମିନ ଆବେଦନ ଦାଖଲ କରିଥିଲେ, ଯାହା ବିଚାରଣ ଅଦାଲତ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଜାମିନ ମଞ୍ଜୁର କରିଥିଲେ । ତେଣୁ ବର୍ତ୍ତମାନର ଅପିଲ ବିଦ୍ୟମାନ ଅଟେ ।**

ଅପିଲକାରୀଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା ଯେ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଜାମିନ ମଞ୍ଜୁର କଲେ, ତାହା ନ୍ୟାୟ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବ; ଏବଂ ତଥ୍ୟଗୁଡ଼ିକୁ ଯାଞ୍ଚ ନକରି ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତମାନଙ୍କୁ ଜାମିନ ମଞ୍ଜୁର କରିଥିଲେ ଯାହା ବିଚାରଣ ଅଦାଲତକୁ ଭାରକ୍ରାନ୍ତ କରିଥିଲା ।

ଅପିଲକୁ ମଞ୍ଜୁର ପ୍ରଦାନ କରି, ନ୍ୟାୟାଳୟ

ନିର୍ଣ୍ଣୟ କରିଥିଲେ 1.1. ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିଚାରର ସମ୍ପୂର୍ଣ୍ଣ ପ୍ରୟୋଗ କରିବାକୁ ଦର୍ଶାଏ ନାହିଁ । ଯଦିଓ ଜାମିନ ଆବେଦନଗୁଡ଼ିକ ଉପରେ ଆଦେଶଗୁଡ଼ିକ ପାରିତ କରିବା ସମୟରେ ପ୍ରମାଣର ବିସ୍ତୃତ ଯାଞ୍ଚ ଏବଂ ମାମଲାର ଗୁଣବତ୍ତା ବିଷୟରେ ବିସ୍ତୃତ ତଥ୍ୟଭୁକ୍ତ କରିବାକୁ ଅଦାଲତକୁ ଏଡ଼ାଇବାକୁ ପଡିବ, ତଥାପି ଜାମିନ ଆବେଦନ ଉପରେ କାର୍ଯ୍ୟ କରୁଥିବା ଏକ ଅଦାଲତ ସନ୍ତୁଷ୍ଟ ହେବା ଉଚିତ୍ ଯେ ଏକ ପ୍ରଥମ ଦୃଷ୍ଟିଗତ ମାମଲା ଅଛି କି ନାହିଁ, କିନ୍ତୁ ମାମଲାର ଗୁଣବତ୍ତା ବିଷୟରେ ସମ୍ପୂର୍ଣ୍ଣ ଅନୁସନ୍ଧାନ କରିବା ଆବଶ୍ୟକ ନୁହେଁ । ଜାମିନ ଆବେଦନ ଉପରେ ବିଚାର କରୁଥିବା ନ୍ୟାୟାଳୟ ନିଜର ବିଚାରକୁ ଏକ କ୍ରମର ବିଷୟ ଭାବେ ନୁହେଁ ବରଂ ନ୍ୟାୟସଙ୍ଗତ ଢଙ୍ଗରେ ପ୍ରୟୋଗ କରିବା ଆବଶ୍ୟକ । ଏହି ଆଦେଶରେ ଜାମିନ ମଞ୍ଜୁର ନିମନ୍ତେ କାରଣ ଦର୍ଶାଇବାର ଆବଶ୍ୟକତା ରହିଛି, ବିଶେଷ କରି ଯେଉଁଠାରେ ଜଣେ ଅଭିଯୁକ୍ତ ଗୁରୁତର ଅପରାଧ କରିଥିବାର ଅଭିଯୋଗ ହୋଇଥିଲା । [587-H; 588-A, B]

1.2. ଜାମିନ ମଞ୍ଜୁର କରିବା ପୂର୍ବରୁ ଅନ୍ୟ ପରିସ୍ଥିତିଗୁଡ଼ିକ ସହ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ମଧ୍ୟ ନ୍ୟାୟାଳୟଗୁଡ଼ିକ ବିଚାର କରିବା ଆବଶ୍ୟକ:

(1) ଅଭିଯୋଗର ପ୍ରକୃତି ଏବଂ ଦୋଷୀ ସାବ୍ୟସ୍ତ କ୍ଷେତ୍ରରେ ଦଣ୍ଡର ଗମ୍ଭୀରତା ଏବଂ ସମର୍ଥନକାରୀ ପ୍ରମାଣର ପ୍ରକୃତି;

(2) ସାକ୍ଷ୍ୟରେ ଅବୈଧ ହସ୍ତକ୍ଷେପର ଯୁକ୍ତିଯୁକ୍ତ ଆଶଙ୍କା କିମ୍ବା ଅଭିଯୋଗକାରୀଙ୍କୁ ଧମକ ଦେବାର ଆଶଙ୍କା;

(3) ଦୋଷାରୋପର ସମର୍ଥନରେ ନ୍ୟାୟାଳୟର *ପ୍ରଥମ ଦୃଷ୍ଟିଗତ* ସନ୍ତୁଷ୍ଟି ।

**ଏପରି କାରଣଗୁଡ଼ିକର** *ସୁଯୋଗ ବ୍ୟତିରେକେ* **କୌଣସି ଆଦେଶ, ବିଚାରର ପ୍ରୟୋଗ ଦ୍ୱାରା ପ୍ରଭାବିତ । [588-C, D, E]**

**1.3. ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରହସ୍ୟାତ୍ମକ ଅଯୌକ୍ତିକ ଆଦେଶଟି ସ୍ୱଷ୍ଟରୂପେ ଅସମର୍ଥନୀୟ ଅଟେ ଏବଂ ରଦ୍ଦ କରାଯାଇଛି । ଯଦିଓ ପକ୍ଷମାନଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ପ୍ରସଙ୍ଗ ସମ୍ବନ୍ଧରେ ଜାମିନ ଆବେଦନକୁ ବିଚାରକୁ ନେଉଥିବା ଅଦାଲତଠାରୁ ଏକ ନିର୍ଣ୍ଣାୟକ ଫଳାଫଳ ଆଶା କରାଯାଏ ନାହିଁ, ତଥାପି ଉତ୍କର୍ଷତା କିମ୍ବା ତ୍ରୁଟି ବିଷୟରେ ଆଲୋଚନା କରିବା ଠାରୁ କାରଣ ଦର୍ଶାଇବା ଭିନ୍ନ ଅଟେ । ଉତ୍ତରଦାତା ସଂଖ୍ୟା 2 ଙ୍କର ଜାମିନନାମାକୁ ବାତିଲ କରାଯାଇଛି ଏବଂ ତାଙ୍କୁ ତୁରନ୍ତ ହେପାଜତରେ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସ୍ୱଷ୍ଟ କରାଯାଇଛି ଯେ ମାମଲାର ଗୁଣବତ୍ତାଗୁଡ଼ିକ ଉପରେ କୌଣସି ମତ ପ୍ରକାଶ କରାଯାଇ ନାହିଁ । [588-H, F; 589-A]**

*ରାମ ଗୋବିନ୍ଦ ଉପାଧ୍ୟାୟ* **ବନାମ** *ସୁଦର୍ଶନ ସିଂହ ଏବଂ ଅନ୍ୟମାନେ,* **[2002] 3 SCC 598;** *ପୁରନ ଇତ୍ୟାଦି* **ବନାମ** *ରାମବିଲାସ ଏବଂ ଅନ୍ୟଜଣେ ଇତ୍ୟାଦି,* **[2001] 6 SCC 338** *ଏବଂ କଲ୍ୟାଣ ଜି. ଚନ୍ଦ୍ର ସରକାର* **ବନାମ** *ରାଜେଶ ରଞ୍ଜନ ଓରଫ ପପ୍ପୁ ଯାଦବ ଏବଂ ଅନ୍ୟଜଣେ,* **JT (2004) 3 SC 442 ଉପରେ ନିର୍ଭର କରାଯାଇଛି ।**

ଫୌଜଦାରୀ ଅପିଲୀୟ ଅଧିକାରିତା :ଫୌଜଦାରୀ ଅପିଲ ସଂଖ୍ୟା 896/2004 ।

ଫୌଜଦାରୀ ବିବିଧ ସଂଖ୍ୟା 10985/2003 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 5.8.2003 ତାରିଖର ରାୟ ଏବଂ ଆଦେଶରୁ।

ଅପିଲକାରୀଙ୍କ ପକ୍ଷରୁ ଅମରେନ୍ଦ୍ର ଶରଣ, ଆର. କେ. କପୁର, ବି. ଆର. କପୁର, ଏମ୍. କେ. ବର୍ମା ଏବଂ ସୁଦର୍ଶ ମେନନ ।

ରାଜ୍ୟ ପକ୍ଷରୁ ସହଦେବ ସିଂହ ଏବଂ ଜତିନ୍ଦର କୁମାର ଭାଟିଆ ।

ଉତ୍ତରଦାତା ସଂଖ୍ୟା 2 ଙ୍କ ପକ୍ଷରୁ ଡବ୍ଲୁ. ଏ. ନୋମାନି ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଅରିଜିତ୍ ପଶାୟତଙ୍କ** ଦ୍ୱାରା । ଅନୁମତି ପ୍ରଦାନ କରାଗଲା ।

ଏହି ଅପିଲରେ ଉତ୍ତରଦାତା ସଂଖ୍ୟା 2 (ଏହା ପରେ 'ଅଭିଯୁକ୍ତ' ଭାବରେ ସୂଚିତ) ଙ୍କ ଜାମିନ ମଞ୍ଜୁରକୁ ଆପତ୍ତି କରାଯାଇଛି ।

ଅପିଲକାରୀଙ୍କ ଦ୍ୱାରା ଉପସ୍ଥାପିତ ପୃଷ୍ଠଭୂମିର ତଥ୍ୟଗୁଡ଼ିକ ମୁଖ୍ୟତଃ ନିମ୍ନରେ ପ୍ରଦାନ କରାଗଲା:-

ଜଣେ ପ୍ରେମ କୁମାର (ଏହା ପରେ 'ମୃତକ' ଭାବରେ ସୂଚିତ) ଋଣ କାରବାର କାର୍ଯ୍ୟରେ ନିୟୋଜିତ ଥିଲେ । ନଇମ ନାମକ ଜଣେ ଅଭିଯୁକ୍ତକୁ ସେ 2 ଲକ୍ଷ ଟଙ୍କାର ଋଣ ଦେଇଥିଲେ । ଟେଲିଫୋନ୍ କଲ୍ ଦ୍ୱାରା, ଯାହା ଅଭିଯୁକ୍ତ ନଇମଙ୍କ ଦ୍ୱାରା କରାଯାଇଥିଲା, 11.3.2003 ତାରିଖରେ ମୃତକଙ୍କୁ ଜଣେ କାମିଲଙ୍କ କାରଖାନାକୁ ଡକାଯାଇଥିଲା, ଯେଉଁଠାରେ ଅଭିଯୁକ୍ତ ନଇମ ଜଣେ ଠିକାଦାର ଭାବରେ କାମ କରୁଥିଲା । ଯେତେବେଳେ ମୃତକ ସେହି ସ୍ଥାନକୁ ଯାଇଥିଲେ, ଉତ୍ତରଦାତା ସଂଖ୍ୟା 2 ଥିବା ଅଭିଯୁକ୍ତ-ମୀର ହାସନ ଏବଂ ୱାସିମ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କ ଦ୍ୱାରା ତାଙ୍କ ଉପରେ ଗୁଳି ଚାଳନା କରାଯାଇଥିଲା । ଅଭିଯୁକ୍ତ-ଉତ୍ତରଦାତାସଂଖ୍ୟା 2 ପ୍ରାଣଘାତୀ ଗୁଳି ଚଳାଇଥିଲେ । ନବାବ, ତୁଳସୀ ରାମ ଏବଂ ହରିଶ କକ୍କର ନାମକ ତିନି ଜଣ ବ୍ୟକ୍ତିଙ୍କ ବିବୃତ୍ତି ଆଧାରରେ ଉତ୍ତରଦାତା ସଂଖ୍ୟା 2 କୁ ହେପାଜତକୁ ନିଆଯାଇଥିଲା । ପ୍ରତ୍ୟକ୍ଷଦର୍ଶୀ ନଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏତଲା ଦାଖଲ କରାଯାଇଥିଲା । ଏତଲାରେ, ଅଜ୍ଞାତ ଆକ୍ରମଣକାରୀମାନେ ମୃତକଙ୍କୁ ହତ୍ୟା କରିଥିବା ସୂଚିତ କରାଯାଇଥିଲା । ଗିରଫ ପରେ ଅଭିଯୁକ୍ତ ମୀର ହାସନ ସହାରନପୁରର ବିଦ୍ୱାନ ଦୌରା ବିଚାରପତିଙ୍କ ନିକଟରେ ଜାମିନ ଆବେଦନ କରିଥିଲେ, ଯାହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଅଭିଯୁକ୍ତ ମୀର୍ ହାସନ-ଉତ୍ତରଦାତା ସଂଖ୍ୟା 2 ଙ୍କ ଦ୍ୱାରା ଆଗତ ହେବା ପରେ, ଜଣେ ବିଦ୍ୱାନ ଏକକ ବିଚାରପତି ଆକ୍ଷେପିତ ରାୟ ଦ୍ୱାରା ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି ।

ଅପିଲକାରୀଙ୍କ ଅନୁଯାୟୀ, ବିଦ୍ୱାନ ଦୌରା ବିଚାରପତି ସହ ବିଚାର କରାଯାଇଥିବା ତଥ୍ୟ ବିଷୟରେ ଆଲୋଚନା ନକରି, ଏକ ରହସ୍ୟାତ୍ମକ ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଜାମିନ ମଞ୍ଜୁର କରିଛନ୍ତି । ଜାମିନ ଆବେଦନ ଶୁଣାଣି ସମୟରେ ଅଭିଯୁକ୍ତଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏକମାତ୍ର ଆଭିମୁଖ୍ୟ ଏହା ଥିଲା ଯେ ଏତଲାରେ ତାଙ୍କ ନାମ ନଥିଲା ଏବଂ ପରବର୍ତ୍ତୀ ସମୟରେ ତିନି ଦିନ ପରେ ଫୌଜଦାରୀ ପ୍ରକ୍ରିୟା ସଂହିତା, 1973 ର ଧାରା 161 ଅନୁଯାୟୀ ଲିପିବଦ୍ଧ କରାଯାଇଥିବା ବିବୃତ୍ତିରେ ତାଙ୍କ ନାମ ପ୍ରକାଶ ପାଇଥିଲା । ଭାରତୀୟ ପିଙ୍ଗଳ ସଂହିତା, 1860 (ସଂକ୍ଷେପରେ 'IPC') ର ଧାରା 302/120 B ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡନୀୟ ଅପରାଧ ଘଟାଇଥିବା ଅଭିଯୋଗ କରାଯାଇଥିଲା । ଏହା ଉପସ୍ଥାପନ କରାଯାଇଛି ଯେ ଜାମିନ ମଞ୍ଜୁର ଦ୍ୱାରା ନ୍ୟାୟ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବ ଏବଂ ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ ଜାମିନ ମଞ୍ଜୁର ନ୍ୟାୟସଙ୍ଗତ ଅଟେ ।

ଉତ୍ତରରେ ଅଭିଯୁକ୍ତ ଉତ୍ତରଦାତା ସଂଖ୍ୟା 2 ଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଦର୍ଶାଇଛନ୍ତି ଯେ ପ୍ରାସଙ୍ଗିକ ଆଭିମୁଖ୍ୟଗୁଡ଼ିକୁ ବିଚାରକୁ ନେଇ ଜାମିନ ମଞ୍ଜୁର କରାଯାଇଛି ଏବଂ ଜାମିନ ଆଦେଶ

ଦ୍ୱାରା ଦିଆଯାଇଥିବା ସ୍ୱାଧୀନତାର କୌଣସି ଅପବ୍ୟବହାରର ଅଭିଯୋଗ ବିନା 5.8.2003 ତାରିଖରୁ ଏହି ଆଦେଶ କାର୍ଯ୍ୟକାରୀ ଅଟେ । ତେଣୁ ଏହା ଉପସ୍ଥାପନ କରାଯାଇଛି ଯେ କୌଣସି ହସ୍ତକ୍ଷେପର ଆବଶ୍ୟକ ନାହିଁ ।

ସଂହିତାରେ 'ଜାମିନ' ଶବ୍ଦର କୌଣସି ସଂଜ୍ଞା ନାହିଁ, ଯଦିଓ ଅପରାଧକୁ 'ଜାମିନ' ଏବଂ 'ଜାମିନ ବିହୀନ' ଭାବରେ ଶ୍ରେଣୀଭୁକ୍ତ କରାଯାଇଛି । ଧାରା 2 (a) ରେ ଥିବା ପରିଭାଷା ଅନୁଯାୟୀ 'ଜାମିନ ଯୋଗ୍ୟ ଅପରାଧ' ର ଅର୍ଥ ହେଉଛି ଏକ ଅପରାଧ ଯାହା ପ୍ରଥମ ଅନୁସୂଚୀରେ 'ଜାମିନ ଯୋଗ୍ୟ' ଭାବରେ ଜଣାଶୁଣା କିମ୍ବା ଯାହା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଦ୍ୱାରା ଜାମିନ ଯୋଗ୍ୟ କରାଯାଇଥାଏ ଏବଂ 'ଜାମିନ ବିହୀନ ଅପରାଧ' ର ଅର୍ଥ ଅନ୍ୟ କୌଣସି ଅପରାଧ ଅଟେ ।

ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ଆଦେଶକୁ ନିମ୍ନରେ ପ୍ରଦାନ କରାଗଲା:

> "ଦରଖାସ୍ତକାରୀଙ୍କ ଓକିଲ ଦାଖଲ କରିଛନ୍ତି ଯେ ଏତଲାରେ ଦରଖାସ୍ତକାରୀଙ୍କ ନାମ ନାହିଁ ଏବଂ ପରବର୍ତ୍ତୀ ସମୟରେ Cr.P.C. ର ଧାରା 161 ଅନୁଯାୟୀ ଲିପିବଦ୍ଧ ବିବୃତ୍ତି ରେ ତାଙ୍କ ନାମ ତିନି ଦିନ ପରେ ପ୍ରକାଶ କରାଯାଇଛି ।
>
> ମାମଲାର ତଥ୍ୟ ଏବଂ ପରିସ୍ଥିତି ଗୁଡ଼ିକୁ ବିଚାରକୁ ନେଇ ଏବଂ ମାମଲାର ଗୁଣବତ୍ତା ଉପରେ କୌଣସି ମତ ପ୍ରକାଶ ନକରି ଆବେଦନକାରୀଙ୍କ ଜାମିନକୁ ସ୍ୱୀକୃତି ପ୍ରଦାନ କରାଯାଇଛି ।
>
> ଅପରାଧ ସଂଖ୍ୟା 90/2003 ମାମଲାରେ ଧାରା 302/120-B I.P.C. ମଣ୍ଡି ଜିଲ୍ଲା ସହାରନପୁର ଅଧୀନରେ ବ୍ୟକ୍ତିଗତ ମୁଚାଲିକା କାର୍ଯ୍ୟକାରୀ କରିବାରୁ ଏବଂ ସମ୍ପୃକ୍ତ ନ୍ୟାୟାଳୟର ସନ୍ତୁଷ୍ଟି ଭଳି ସମାନ ପରିମାଣର ଦୁଇଟି ଜମାନତ ଉପସ୍ଥାପନ କରିଥିବାରୁ ଆବେଦନକାରୀ ମୀର ହାସନ @ ଫନ୍ଦାରଙ୍କୁ ଜାମିନରେ ଖଲାସ କରାଯାଉ ।

ଏପରିକି ଏକ ତ୍ୱରିତ ଅନୁଶୀଳନ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ, ବିଚାରର ସମ୍ପୂର୍ଣ୍ଣ ପ୍ରୟୋଗ ନକରିବାକୁ ଦର୍ଶାଇଥାଏ । ଯଦିଓ ଜାମିନ ଆବେଦନଗୁଡ଼ିକ ଉପରେ ଆଦେଶଗୁଡ଼ିକ ପାରିତ କରିବା ସମୟରେ ପ୍ରମାଣର ବିସ୍ତୃତ ଯାଞ୍ଚ ଏବଂ ମାମଲାର ଗୁଣବତ୍ତା ବିଷୟରେ ବିସ୍ତୃତ ତଥ୍ୟଭୁକ୍ତ କରିବାକୁ ଅଦାଲତକୁ ଏଡ଼ାଇବାକୁ ପଡିବ । ତଥାପି ଜାମିନ ଆବେଦନ ଉପରେ କାର୍ଯ୍ୟ କରୁଥିବା ଏକ ଅଦାଲତ ସନ୍ତୁଷ୍ଟ ହେବା ଉଚିତ୍ ଯେ ଏକ ପ୍ରଥମ ଦୃଷ୍ଟିଗତ ମାମଲା ଅଛି କି ନାହିଁ,

କିନ୍ତୁ ମାମଲାର ଗୁଣବତ୍ତା ବିଷୟରେ ସମ୍ପୂର୍ଣ୍ଣ ଅନୁସନ୍ଧାନ ଆବଶ୍ୟକ ନୁହେଁ । ଜାମିନ ଆବେଦନ ଉପରେ ବିଚାର କରୁଥିବା ନ୍ୟାୟାଳୟ ନିଜର ବିଚାରକୁ ଏକ କ୍ରମର ବିଷୟ ଭାବେ ନୁହେଁ ବରଂ ନ୍ୟାୟସଙ୍ଗତ ଢଙ୍ଗରେ ପ୍ରୟୋଗ କରିବା ଆବଶ୍ୟକ ।

ଏହି ଆଦେଶରେ, ବିଶେଷ କରି ଯେଉଁଠି ଜଣେ ଅଭିଯୁକ୍ତ ଗୁରୁତର ଅପରାଧ କରିଥିବା ଅଭିଯୋଗ ହୋଇଥିଲା, ସେଠାରେ କାହିଁକି ଜାମିନ ମଞ୍ଜୁର କରାଯାଇଥିଲା, ତାହା ପ୍ରଥମ ଦୃଷ୍ଟିଗତ ଭାବେ ନିର୍ଦ୍ଧାରଣ କରିବାର କାରଣ ଦର୍ଶାଇବାର ଆବଶ୍ୟକତା ରହିଛି । ଜାମିନ ମଞ୍ଜୁର କରିବା ପୂର୍ବରୁ ଅନ୍ୟ ପରିସ୍ଥିତିଗୁଡ଼ିକ ସହ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ମଧ ଜାମିନ ସମ୍ବନ୍ଧୀୟ ନ୍ୟାୟାଳୟଗୁଡ଼ିକ ବିଚାର କରିବା ଆବଶ୍ୟକ, ଯାହା ହେଉଛି:

(1) ଅଭିଯୋଗର ପ୍ରକୃତି ଏବଂ ଦୋଷୀ ସାବ୍ୟସ୍ତି କ୍ଷେତ୍ରରେ ଦଣ୍ଡର ଗମ୍ଭୀରତା ଏବଂ ସମର୍ଥନକାରୀ ପ୍ରମାଣର ପ୍ରକୃତି;

(2) ସାକ୍ଷ୍ୟରେ ଅବୈଧ ହସ୍ତକ୍ଷେପର ଯୁକ୍ତିଯୁକ୍ତ ଆଶଙ୍କା କିମ୍ବା ଅଭିଯୋଗକାରୀଙ୍କୁ ଧମକ ଦେବାର ଆଶଙ୍କା;

(3) ଦୋଷାରୋପର ସମର୍ଥନରେ ନ୍ୟାୟାଳୟର *ପ୍ରଥମ ଦୃଷ୍ଟିଗତ* ସନ୍ତୁଷ୍ଟି ।

ଏପରି କାରଣଗୁଡ଼ିକର *ସୁଯୋଗ ବ୍ୟତିରକେ* କୌଣସି ଆଦେଶ ବିଚାରର ପ୍ରୟୋଗ ସହନ କରେ ଯାହା *ରାମ ଗୋବିନ୍ଦ ଉପାଧ୍ୟାୟ* ବନାମ *ସୁଦର୍ଶନ ସିଂହ ଏବଂ ଅନ୍ୟମାନେ,* [2002] 3 SCC 598; *ପୁରନ ଇତ୍ୟାଦି* ବନାମ *ରାମବିଲାସ ଏବଂ ଅନ୍ୟଜଣେ ଇତ୍ୟାଦି,* [2001] 6 SCC 338 ଏବଂ *କଲ୍ୟାଣ ଜି. ଚନ୍ଦ୍ର ସରକାର* ବନାମ *ରାଜେଶ ରଞ୍ଜନ ଓରଫ ପପ୍ପୁ ଯାଦବ ଏବଂ ଅନ୍ୟଜଣେ,* JT (2004) 3 SC 442, ଗୁଡିକରେ ଏହି ନ୍ୟାୟାଳୟ ଦ୍ୱାରା ଲକ୍ଷ୍ୟ କରାଯାଇଥିଲା ।

ଯଦିଓ ପକ୍ଷମାନଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ପ୍ରସଙ୍ଗ ସମ୍ବନ୍ଧରେ ଜାମିନ ଆବେଦନକୁ ବିଚାରକୁ ନେଉଥିବା ଅଦାଲତଠାରୁ ଏକ ନିର୍ଣ୍ଣାୟକ ଫଳାଫଳ ଆଶା କରାଯାଏ ନାହିଁ, ତଥାପି ଉତ୍କର୍ଷତା କିମ୍ବା ତ୍ରୁଟି ବିଷୟରେ ଆଲୋଚନା କରିବା ଠାରୁ କାରଣ ଦର୍ଶାଇବା ଭିନ୍ନ ଅଟେ । ଯେପରି ପୂର୍ବରୁ ଉଲ୍ଲେଖ କରାଯାଇଛି, ଜାମିନ ମଞ୍ଜୁର କରିବା ପର୍ଯ୍ୟାୟରେ ପ୍ରମାଣର ବିସ୍ତୃତ ଯାଞ୍ଚ ଏବଂ ମାମଲାର ଗୁଣବତ୍ତା ଗୁଡ଼ିକୁ ବିସ୍ତୃତ ତଥ୍ୟଭୁକ୍ତ କରିବା କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରାଯାଇନାହିଁ । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ଜାମିନ ମଞ୍ଜୁର କରିବା ସମୟରେ, ଜାମିନ କାହିଁକି ମଞ୍ଜୁର କରାଯାଉଛି ବୋଲି *ପ୍ରଥମ ଦୃଷ୍ଟିଗତ* ଭାବେ ସିଦ୍ଧାନ୍ତ ନେବାର କିଛି କାରଣ ଦର୍ଶାଇବାର ଆବଶ୍ୟକତା ନାହିଁ ।

ସ୍ଥିତି ଉପରେ, ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରହସ୍ୟାତ୍ମକ ଅଯୌକ୍ତିକ ଆଦେଶଟି ସ୍ପଷ୍ଟରୂପେ ଅସମର୍ଥନୀୟ ଅଟେ ।

ଉଚ୍ଚ ନ୍ୟାୟାଳୟଙ୍କ ବିବାଦୀୟ ଆକ୍ଷେପିତ ଆଦେଶକୁ ରଦ୍ଦ କରାଯାଇଛି । ଅଭିଯୁକ୍ତ ଉତ୍ତରଦାତା ସଂଖ୍ୟା 2 ଙ୍କ ଜାମିନ ନାମାଗୁଡ଼ିକୁ ରଦ୍ଦ କରାଯାଇଛି ଏବଂ ତାଙ୍କୁ ତୁରନ୍ତ ହେପାଜତରେ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଯଦି ସେ ଏପରି ନକରନ୍ତି ତେବେ ତାଙ୍କୁ ତୁରନ୍ତ ହେପାଜତକୁ ନେବା ଉତ୍ତରଦାତା ସଂଖ୍ୟା 1 ରାଜ୍ୟ, ର କର୍ତ୍ତବ୍ୟ ହେବ । ଆମେ ଏହା ସ୍ପଷ୍ଟ କରୁଛୁ ଯେ ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ । ଉତ୍ତରଦାତା ସଂଖ୍ୟା 2 ଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଦର୍ଶାଇଥିଲେ ଯେ ଆରୋପ ପତ୍ର ଦାଖଲ ହେବା ପରେ ଏବଂ/କିମ୍ବା ଆରୋପ ଲାଗୁ କରାଯିବା ପରେ, ଅଭିଯୁକ୍ତ ପୁନଶ୍ଚ ଜାମିନ ପାଇଁ ଆବେଦନ କରିବେ । ଯଦି ଏହା କରାଯାଏ, ତେବେ ଏହା କହିବା ବାହୁଲ୍ୟ ହେବ ଯେ ଆଇନ ଅନୁଯାୟୀ ଏହାର ଯୋଗ୍ୟତା ଉପରେ ବିଚାର କରାଯିବ, ଯାହା ବିଷୟରେ ଆମେ କୌଣସି ମତ ପ୍ରକାଶ କରୁନାହୁଁ ।

ତଦନୁସାରେ ଅପିଲକୁ ମଞ୍ଜୁର ପ୍ରଦାନ କରାଯାଇଛି ।

ଏସ୍. କେ. ଏସ୍. ଅପିଲକୁ ମଞ୍ଜୁର ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ